# Akashvani, Sambalpur

## SAMBALPURI NEWS BULLETIN

### 6 July 2024- 6.47- 6.52 am.

*********************************************

ରାଷ୍ଟ୍ରପତି -ଓଡ଼ିଶା          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ୦ାନୁ ୯ ତାରିଖ୍‌ତକ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଶ୍ରୀମତୀ ମୁର୍ମୁ ଆଏଜ୍ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବାର୍ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର୍ ୯୬ ତମ ଶ୍ରାଦ୍ଧବାର୍ଷିକୀଥି ଯୋଗ୍ ଦେବେ । ଆଏବା କାଏଲ୍ ରାଷ୍ଟ୍ରପତି ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ଶ୍ରୀଗୁଣ୍ଡିଚା ରଥଯାତ୍ରା ଦେଖିବେ । ୮ ତାରିଖ୍ ଦିନ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍‌ର ଉଦୟଗିରି ଗୁମ୍ଫା ପରିଦର୍ଶନ୍ କର୍‌ବାର୍ ସହେତେ ବିଭୂତି କାନୁନ୍‌ଗୋ କଳା ଆଉ ହସ୍ତଶିଳ୍ପ ମହାବିଦ୍ୟାଳୟ ଆର୍ ଉତ୍କଳ୍‌ସଂସ୍କୃତି ବିଶ୍ୱବିଦ୍ୟାଳୟର୍ ଛାତ୍ରଛାତ୍ରୀଙ୍କର୍ ସାଙ୍ଗେ ମତ ବିନିମୟ କର୍‌ବେ । ସେ ଦିନ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ପାଖର୍ ହରିଡ଼ାମଡ଼ା ଗାଁ ନ ବ୍ରହ୍ମକୁମାରୀମାନ୍‌କର୍ ଦିବ୍ୟ ରିଟ୍ରିଟ୍ କେନ୍ଦ୍ର ଉଦ୍‌ଘାଟନ୍ କର୍‌ବାର୍ ସହେତେ 'ସ୍ୱାୟୀତ୍ୱ ପାଇଁ ଜୀବନ୍‌ଶୈଳୀ'

ଅଭିଯାନ୍‌ର ଶୁଭାରମ୍ଭ କର୍‌ବେ । ଜୁଲାଇ ୯ ତାରିଖ୍ ଦିନ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବ୍‌ନେଶ୍ୱର୍‌ର ଜାତୀୟ ବିଜ୍ଞାନ୍ ଶିକ୍ଷା ଆଉ ଗବେଷଣା ପ୍ରତିଷ୍ଠାନ୍- ନାଇଜର୍‌ର ଦୀକ୍ଷାନ୍ତ ସମାରୋହଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ ରହିଛେ ।

ବିଧାନ୍‌ସଭା ଅଧିବେଶନ       ଆର୍‌ଏନ୍‌ୟୁ /ସମ୍ବଲପୁର

୧୭ ନମ୍ବର୍ ବିଧାନ୍‌ସଭାର୍ ପହେଲା ଅଧିବେଶନ୍ ଆଏବା ୨୨ ତାରିଖ୍‌ନୁ ମୁଲ୍ ହେବା । ଇ ଅଧିବେଶନ୍‌ଥି ୨୭ ଟା କାର୍ଯ୍ୟଦିବସ୍ ରହିଛେ । ବିଧାନ୍‌ସଭା ସଚିବାଳୟ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ପହେଲାଦିନ ରାଜ୍ୟପାଲ୍ ରଘୁବର୍ ଦାସ ଗୃହ ନ ଅଭିଭାଷଣ୍ ଦେବେ । ୨୩ ତାରିଖ୍ ଦିନ ଉପବାଚସ୍ପତି ନିର୍ବାଚନ୍ ବାବ୍‌ଦେ ଘୋଷ୍‌ନା ହେବା ଆଉ ଇତାର୍‌ସହେତେ ରାଜ୍ୟପାଲ୍‌ଙ୍କର୍ ଅଭିଭାଷଣ୍ ଉପ୍‌ରେ ଧନ୍ୟବାଦ୍ ପ୍ରସ୍ତାବ୍ ଆଲୋଚନା ହେବା । ୨୫ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ନ ୨୦୨୪ -୨୫ ଆର୍ଥିକ୍ ବଛର୍ ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ୍ କର୍‌ବେ । ୨ ଟା ଖେପେ ଚାଲ୍‌ବାର୍‌କେ ଥିବା ବିଧାନ୍‌ସଭାର୍ ଇ ଅଧିବେଶନ୍‌ର ପହେଲା ଖେପ୍ ୨୨ ତାରିଖ୍‌ନୁ ୩୧ ତାରିଖ୍‌ତକ୍ ଚାଲ୍‌ବା । ଫେର୍ ୨ ନମ୍ବର୍ ଖେପ୍

ଅଗଷ୍ଟ ୨୦ ନୁ ସେପ୍ଟେମ୍ବର୍ ୧୩ ତାରିଖ୍‌ତକ୍ ଚାଲ୍‌ବା ବଲି କାର୍ଯ୍ୟସୂଚୀଥି କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ ବୈଠକ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ନୂଆଁ ସର୍‌କାର୍‌ଙ୍କର୍ ଆଭିମୁଖ୍ୟ ସ୍ୱଷ୍ଟ କର୍‌ବାର୍ ସହେତେ ନିର୍ବାଚନ୍ ପ୍ରତିଶ୍ରୁତି ପାଲନ୍ ଲାଗି ବିଧିବଦ୍ଧ କାର୍ଯ୍ୟକ୍ରମ୍ ପ୍ରସ୍ତୁତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ନ ସବୁ ସଚିବମାନ୍‌କର୍ ବୈଠକ୍‌ଥି ଯୋଗ୍ ଦେଇକରି ୨୧ ଟା ପ୍ରମୁଖ ନିର୍ବାଚନ୍ ପ୍ରତିଶ୍ରୁତି କେନ୍ତାକରି ଠିକ୍ ଭାବେ କାର୍ଯ୍ୟକାରୀ ହେବା ସେ ଦିଗେ କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ଲୁକ୍‌କର୍ ଅଭିଯୋଗ୍ ଶୁଣାଣି ପ୍ରକ୍ରିୟାକେ ଅଏତ୍‌କା ଦକ୍ଷ ଆଉ ପ୍ରଭାବଶାଳୀ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ କହିଛନ୍ । ଆଉ ୧୨ ବଛର୍ ଭିତ୍‌ରେ ସ୍ୱତନ୍ତ୍ର ଓଡ଼ିଶାର୍ ଶହେ ବଛର୍ ପୁରା ହେବାର୍‌କେ ଯାଉଥିବାର୍‌ନୁ ଆଉ ୨୦୪୭ଥି ଦେଶର୍ ସ୍ୱାଧୀନତାର୍ ଶହେ ବଛର୍ ପୁରା ହେଉଥିବାର୍‌ନୁ ଇ ଦୁହି ଭିଜନ୍‌କେ ନଜର୍‌ଥି ରଖିକରି ଓଡ଼ିଶା ଲାଗି ଗୁଟେ ଭିଜନ୍ ୨୦୩୬ ତିଆର୍ କରାଯିବା । ବିକଶିତ୍ ଭାରତ୍‌ଥି ଓଡ଼ିଶା ଯେନ୍ତା ଆଗୁଆ ରାଜ୍ୟ ଭାବେ ସୁନାମ

ହାସଲ୍ କରିପାର୍‌ବା ସେ ଦିଗେ କାମ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଚିବ ମାନ୍‌କୁ ପରାମର୍ଶ ଦେଇଛନ୍ ।

ରତ୍ନଭଣ୍ଡାର୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ଖୁଲ୍‌ବାର୍ ବାବ୍‌ଦେ ଆଏଜ୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଗଠିତ୍ ନୂଆଁ କମିଟିର୍ ବୈଠକ୍ ହେବା । କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍ ଯେ, ରତ୍ନଭଣ୍ଡାର୍ ଖୁଲ୍‌ବାର୍ ଆଉ ମୂଲ୍ୟବାନ୍ ଅଲଙ୍କାର୍ ମାନ୍‌କର୍ ଗନ୍‌ତି-ମଣତି ଲାଗି ବୈଠକ୍‌ଥି ଆଲୋଚନା ହେବା । ଶ୍ରୀଜଗନ୍ନାଥ ମନ୍ଦିର୍ ପ୍ରଶାସନ୍ ସମ୍ମିଲନୀ କକ୍ଷ ନ ଇ ନୂଆଁ କମିଟିର୍ ପହେଲା ବୈଠକ୍ ହେବା । ଇଥି କମିଟିର୍ ନିଷ୍ପତି ଅନ୍‌ସାରେ ଏସ୍‌ଓପି ପ୍ରସ୍ତୁତ୍ କରାଯିବା ବଲି ସେ କହିଛନ୍ । କମିଟିର୍ ୧୫ ଝନ୍ ସଦସ୍ୟଙ୍କର୍ ସାଙ୍ଗେ ଆଲୋଚନା କରାଯିବାର୍ ଉତ୍‌ରୁ ଆଗ୍‌କେ ନିଷ୍ପତି ନିଆଯିବା ବଲି ଜଷ୍ଟିସ୍ ରଥ କହିଛନ୍ ।

ଶ୍ରୀଗୁଣ୍ଡିଚା ଯାତ୍ରା            ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀଗୁଣ୍ଡିଚା ଯାତ୍ରା ଲାଗି ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ତିନ୍‌ହି ରଥକେ ରଥଖଲାନୁ ସିଂହଦୁଆର ସାମ୍ନାକେ ନିଆଯିବା । ପଟିଦିଅଁଙ୍କର୍ ସକାଳଧୂପ ସର୍‌ବାର୍ ଉତ୍‌ରୁ ୩ ଝନ୍ ପୂଜା ପଣ୍ଡା ୩ ଟା ଆଜ୍ଞାମାଳ ଧରିକରି ଶୋଭାଯାତ୍ରାଥି ରଥଖଲାକେ ଯିବେ । ରଥଯାତ୍ରା ଲାଗି ନିର୍ମାଣ୍ କରାଯାଇଥିବା ରଥ ମାନ୍‌କେ ଆଜ୍ଞାମାଳ ଲାଗି କରାଯିବା । ଦାରୁବ୍ରହ୍ମ ଅନବସର ଘରେ ଥିବାର୍‌ନୁ ପଟିଦିଅଁଙ୍କର୍‌ନୁ ଆଜ୍ଞାମାଳ ନେଇକରି ରଥମାନ୍‌କୁ ସିଂହଦୁଆର ସାମ୍ନାକେ ଟଣାଯିବା । ସଖାଲର୍ ୮ ବାଜିକରି ୪୫ ମିନିଟ୍‌ଥି ଆଜ୍ଞାମାଳ ବିଜେ ନୀତି କରାଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

କେନ୍ଦ୍ରମନ୍ତ୍ରୀ- ଦେବ୍‌ଗଡ଼୍ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ ରାଜ୍ୟ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଗଲାକାଏଲ୍ ଦେବଗଡ଼୍ ଜିଲ୍ଲା ଗସ୍ତଥି ଆସିକରି ସର୍କିଟ୍ ହାଉସ୍ ଠାନେ ପ୍ରଶାସନିକ୍ ଅଧିକାରୀମାନ୍‌କର୍ ସାଙ୍ଗେ ଗୁଟେ ବୈଠକ୍ କରିଥିଲେ । ବୈଠକ୍‌ଥି ଦେବ୍‌ଗଡ଼୍ ଜିଲ୍ଲାକେ ଗୁଟେ ଆଦର୍ଶ ଜିଲ୍ଲା କର୍‌ବାର୍‌କେ ସମସ୍ତଙ୍କୁ ନିଷ୍ଠାର୍ ସହେତେ ନିଜର୍ ଦାୟିତ୍ୱ

ତୁଲାବାର୍ ଲାଗି ପରାମର୍ଶ ଦେଇଥିଲେ । ଇତାର୍ ଉତ୍ରୁ ନିକ୍ତିମାଲ୍ର ସିଦ୍ଧେଶ୍ୱର ମନ୍ଦିର୍ ଆର୍ ଦେବ୍ଗଡ଼୍ ଶ୍ରୀ ଗୋପାଲ୍ଜୀ ମନ୍ଦିର୍ ଦର୍ଶନ୍ କରିଥିଲେ । ଦେବ୍ଗଡ଼୍ କଲେଜ୍ ବିଜୁ ପଟ୍ଟନାୟକ୍ ଅଡ଼ିଟୋରିୟମ୍ ନ ହେଇଥିବା ନାଗରିକ୍ ସମ୍ବର୍ଦ୍ଧନା ସଭାଥି ଦୁହି ମନ୍ତ୍ରୀ ଯୋଗ୍ ଦେଇକରି ଜିଲ୍ଲାର୍ ବିକାଶ୍ ଲାଗି ପ୍ରୟାସ୍ ଜାରି ରଖିବାର୍ ଲାଗି ପ୍ରତିଶ୍ରୁତି ଦେଇଥିଲେ ।

ନିଟ୍ ପିଜି ଆର୍ଏନ୍ୟୁ /ସମ୍ବଲପୁର

ନିଟ୍ ପିଜି ପରୀକ୍ଷା ଆଏବା ଅଗଷ୍ଟ ୧୧ ତାରିଖ୍ ଦିନ ହେବା । ଇ ପରୀକ୍ଷା ୧୧ ନୁ ୧୫ ତାରିଖ୍ତକ୍ ୨ ଟା ଖେପେ ଚାଲ୍ବା । ନେସ୍ନାଲ୍ ବୋର୍ଡ଼୍ ଅଫ୍ ଏକ୍ସାମିନେସନ୍ ଇନ୍ ମେଡ଼ିକାଲ୍ ସାଇସେନ୍ସ- ଏନ୍ବିଇଏମ୍ଏସ୍ ତରଫ୍ରୁ ଇ ବାବ୍ଦେ ତାରିଖ୍ ଘୋଷ୍ନା କରାଯାଇଛେ । ଇ ପରୀକ୍ଷା ଜୁନ୍ ୨୩ ତାରିଖ୍ ଦିନ ହେବାର୍କେ ଥିଲା । ହେଲେ ଶେଷ୍ ସମିଆଥି ଇଟାକେ ଘୁଚେଇ ଦିଆଯାଇଥିଲା । ଡାକ୍ତରୀ ପାଠ୍ୟକ୍ରମ୍ଥି ସ୍ନାତକୋତର୍ ପଢ଼୍ବାର୍ ଲାଗି ସାରାଦେଶେ ପାଖାପାଖି ୭୦ ହଜାର୍ ସିଟ୍ ଲାଗି ୨ ଲାଖ୍ ନୁ ଅଏତ୍କା ପରୀକ୍ଷାର୍ଥୀ ପରୀକ୍ଷା ଦେବାର୍କେ ଆବେଦନ୍ କରିଛନ୍ ।

ସ୍କୁଲ୍ ଛୁଆ- ଯା’ଆସ୍ ଖର୍ଚ୍ଚା ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ସ୍କୁଲ୍ ମାନ୍କେ ଉପସ୍ଥାନ୍ ବଢ଼ାବାର୍ ଲାଗି ଗଣଶିକ୍ଷା ବିଭାଗ୍ ତର୍ଫୁ ଶିକ୍ଷାର୍ଥୀମାନ୍କୁ ଯିବାର୍ ଆସ୍ବାର୍ ଖର୍ଚ୍ଚା ଦିଆଯିବା । ସବୁ ଜିଲ୍ଲାର୍ ୩୫ ହଜାର୍ନୁ ଅଏତ୍କା ଛାତ୍ରଛାତ୍ରୀଙ୍କୁ ଇ ଆର୍ଥିକ୍ ସହାୟତା ଦିଆଯିବା । ପ୍ରାଥମିକ ଆଉ ମାଧ୍ୟମିକ ସ୍ତରୀୟ ସର୍କାରୀ ସ୍କୁଲ୍ ଲାଗି ଅର୍ଥ ଅନୁମୋଦନ୍ କରାଯାଇଛେ । ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ଓସେପା ତର୍ଫୁ ଇ ବାବ୍ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍କୁ ଚିଠି ଦିଆଯାଇଛେ ।